# 25th Meeting of the Working Mechanism for Consultation & Coordination on India-China Border Affairs

October 14, 2022

## ଭାରତ-ଚୀନ ସୀମା ବ୍ୟାପାର ଉପରେ ବିଚାର ବିମର୍ଷ ଓ ସମନ୍ୱୟ ପାଇଁ ୱାର୍କିଂ ମେକାନିଜିମର 25ତମ ବୈଠକ

**ଅକ୍ଟୋବର 14, 2022**

ଭାରତ-ଚୀନ ସୀମା ବ୍ୟାପାର ଉପରେ ବିଚାର ବିମର୍ଷ ଓ ସମନ୍ୱୟ ପାଇଁ ୱାର୍କିଂ ମେକାନିଜିମର (ଡବ୍ଲୁଏମସିସି) 25 ତମ ବୈଠକ 14 ଅକ୍ଟୋବର 2022 ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ (ପୂର୍ବ ଏସିଆ) ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ। ଚୀନ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନ୍ତର୍ଗତ ସୀମା ଓ ମହାସାଗର ବିଭାଗର ମହାନିର୍ଦ୍ଦେଶକ ଚୀନ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ।

2. ଉଭୟ ପକ୍ଷ ଭାରତ-ଚୀନ ସୀମାଞ୍ଚଳର ପଶ୍ଚିମ ସେକ୍ଟରରେ ବାସ୍ତବିକ ନିୟନ୍ତ୍ରଣ ରେଖା ନିକଟରେ ସ୍ଥିତିର ସମୀକ୍ଷା କରିଥିଲେ। ମଇ 2022 ରେ ଡବ୍ଲୁଏମସିସିର ଗତ ବୈଠକ ପରଠାରୁ ହୋଇଥିବା ଘଟଣାଗୁଡ଼ିକୁ ମନେ ପକାଇ ସେମାନେ ଗୋଗ୍ରା-ହଟ୍ ସ୍ପ୍ରିଙ୍ଗସ୍ (ପିପି-15) ଅଞ୍ଚଳରେ ହୋଇଥିବା ସୈନ୍ୟ ପ୍ରତ୍ୟାହାରକୁ ସ୍ୱାଗତ କରିଥିଲେ ଯାହା 8-12 ସେପ୍ଟେମ୍ବର 2022 ମଧ୍ୟରେ ପର୍ଯ୍ୟାୟକ୍ରମେ, ସମନ୍ୱିତ ଏବଂ ପାରସ୍ପରିକ ଯାଞ୍ଚ ମାଧ୍ୟମରେ କରାଯାଇଥିଲା। ସେମାନେ ଉଲ୍ଲେଖ କରିଥିଲେ ଯେ ଏହି ପଦକ୍ଷେପଗୁଡ଼ିକ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏବଂ ଚୀନର ରାଷ୍ଟ୍ର କାଉନସିଲର ତଥା ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ ବୁଝାମଣାକୁ ପ୍ରତିଫଳିତ କରିଛି। ଉଭୟ ନେତା ଜୁଲାଇ 2022 ରେ ବାଳିରେ ହୋଇଥିବା ବୈଠକରେ ମଧ୍ୟ ସାକ୍ଷାତ କରିଥିଲେ।

3. ବାସ୍ତବିକ ନିୟନ୍ତ୍ରଣ ରେଖା ନିକଟରେ ଅବଶିଷ୍ଟ ସମସ୍ୟାର ଶୀଘ୍ର ସମାଧାନ କରିବା ପାଇଁ କୂଟନୈତିକ ଓ ସାମରିକ ଚ୍ୟାନେଲ ମାଧ୍ୟମରେ ଆଲୋଚନା ଜାରି ରଖିବାକୁ ଉଭୟ ପକ୍ଷ ସହମତ ହୋଇଥିଲେ ଯାହାଦ୍ୱାରା ଦ୍ୱିପାକ୍ଷିକ ସମ୍ପର୍କକୁ ସ୍ୱାଭାବିକ କରିବା ପାଇଁ ପରିସ୍ଥିତି ସୃଷ୍ଟି ହେବ।

4. ଦ୍ୱିପାକ୍ଷିକ ଚୁକ୍ତିନାମା ଓ ପ୍ରୋଟୋକଲ ଅନୁଯାୟୀ ପଶ୍ଚିମ ସେକ୍ଟରରେ ବାସ୍ତବିକ ନିୟନ୍ତ୍ରଣ ରେଖା ନିକଟରେ ଅବଶିଷ୍ଟ ସମସ୍ୟାର ସମାଧାନର ଲକ୍ଷ୍ୟ ହାସଲ କରିବାକୁ ସେମାନେ ପରବର୍ତ୍ତୀ ପର୍ଯ୍ୟାୟ (17 ତମ) ବରିଷ୍ଠ କମାଣ୍ଡରସ୍ତରୀୟ ବୈଠକ ଶୀଘ୍ର ଆୟୋଜନ କରିବାକୁ ରାଜି ହୋଇଥିଲେ।

**ନୂଆଦିଲ୍ଲୀ**

**ଅକ୍ଟୋବର 14, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.